# Akashvani, Sambalpur

## SAMBALPURI NEWS EVENING BULLETIN

## 1 December 2025- 7.02 pm- 7.12 pm.

*******************************************

୧- ଦେଶର୍ ଅର୍ଥନୈତିକ୍ ଅଭିବୃଦ୍ଧି ବିକଶିତ୍ ରାଷ୍ଟ୍ରଗଠନ୍ ଦିଗେ ଆତ୍ମବିଶ୍ୱାସ୍ ବଢ଼ଉଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ସଂସଦ୍‌ର ଶୀତ୍ ଅଧିବେଶନ୍ ଆଏଜ୍‌ଠାନୁ ହେଲା ମୁଲ୍ ।

୨- ବାଂଲାଦେଶୀ ଅନୁପ୍ରବେଶ୍‌କାରୀଙ୍କୁ ଚିହ୍ନଟ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ସ୍ୱତନ୍ତ୍ର କାର୍ଯ୍ୟବାହିନୀ ଗଠନ୍ କରିଛନ୍- ବିଧାନ୍‌ସଭା ନ ସୂଚ୍‌ନା ଦେଲେ ମୁଖ୍ୟମନ୍ତ୍ରୀ ।

- ଅକ୍ଟୋବର୍ ମାସ୍ ଶେଷ୍‌ତକ୍ ରାଜ୍ୟ ବଜେଟ୍‌ର ୧ ଲାଖ୍ ୧୪ ହଜାର୍ କୋଟି ନୁ ଅଏତ୍‌କା ଟଙ୍କା ହେଇଛେ ଖର୍ଚ୍ଚା- କହେଲେ ଆଇନ୍‌ମନ୍ତ୍ରୀ ।

୩- ଆଏଜ୍‌ଠାନୁ ମୁଲ୍ ହେଲା କୋଣାର୍କ ଉତ୍ସବ୍ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ବିଭ୍ରାଟ୍‌କେ ଦୂର୍ କର୍‌ମା: ଏଡ୍‌ସର ପ୍ରତିକ୍ରିୟାକେ ବଦ୍‌ଲାମା' ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ଏଡ୍‌ସ୍ ଦିବସ୍ ।

ପ୍ରଧାନ୍‌ମନ୍ତ୍ରୀ- ସଂସଦ୍ ଅଧିବେଶନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦ୍‌ର ଶୀତ୍ ଅଧିବେଶନ୍ ଖାଲି ଗୁଟେ ରୀତି ନୁହେଁ ଇଟା ଭାରତ୍‌କେ ବିକାଶ୍ ଦିଗ୍‌କେ ନେବାର୍ ଲାଗି ଫିଂ' ଚେରେଷ୍ଟାକେ ଗତି ଦେସି ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ସଂସଦ୍‌ର ଶୀତ୍ ଅଧିବେଶନ୍ ଆଘୋନୁ ଆଏଜ୍ ଗଣମାଧ୍ୟମ୍‌କେ ସମ୍ବୋଧନ୍ କରିକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଗଲା ଦିନ୍ ମାନ୍‌କେ ଭାରତ୍‌ର ଅର୍ଥନୈତିକ୍ ଅଭିବୃଦ୍ଧିକେ ଉଲ୍ଲେଖନୀୟ ସଫଲତା ମିଳିଛେ । ଇ ଗତି ଦେଶ୍‌କେ ଗୁଟେ ବିକଶିତ ରାଷ୍ଟ୍ର ହେବାର୍ ଦିଗେ ନୂଆଁ ଆତ୍ମବିଶ୍ୱାସ୍ ଦଉଛେ । ବିରୋଧୀ ଦଲ୍‌ମାନେ ଇ ଅଧିବେଶନ୍‌ଥି ନିଜର୍ ଦାୟିତ୍ୱକେ ଠିକ୍‌ଭାବେ ତୁଲାବାର୍ ଉଚିତ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।
(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ସଂସଦ୍ ଶୀତ୍ ଅଧିବେଶନ୍ ଏନ୍‌ଏସ୍‌ଡି

ସଂସଦ୍‌ର ଶୀତ୍ ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଅଧିବେଶନ୍‌ର ପହେଲା ଦିନେ ସ୍ୱତନ୍ତ୍ର ସଘନ ଭୋଟର୍ ତାଲିକା ସଂଶୋଧନ-ଏସ୍‌ଆଇଆର୍ ସହେତେ ଭିନ୍ ଭିନ୍ ବିଷେକେ ନେଇକରି ବିରୋଧୀ ଦଲ୍‌ମାନେ ହୋହଲ୍ଲା କରିଥିଲେ । ଇଥିର୍‌ଲାଗି ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । ବରୋଧୀଙ୍କର୍ ହୋହଲ୍ଲାନୁ ଦୁହି ଗୃହ ଆଏବା କାଏଲ୍‌ତକ୍ ମୁଲ୍‌ତବୀ ହେଇଛେ ।

ଆଏଜ୍ ଦିନର୍ ୧୧ ବଜେ ଲୋକ୍‌ସଭା ନ ଗୃହ କାର୍ଯ୍ୟ ମୁଲ୍ ହଉନ୍‌ସାର୍ ବାଚସ୍ପତି ଓମ୍ ବିର୍ଲା ଦିବଙ୍ଗତ ସଦସ୍ୟମାନ୍‌କୁ ଶ୍ରଦ୍ଧାଞ୍ଜଲି ଜନେଇଥିଲେ । ତାର୍ ଉତ୍‌ରୁ ନୀରବ୍ ପ୍ରାର୍ଥନା କରାଯାଇଥିଲା । ପ୍ରଶ୍ନକାଳ ମୁଲ୍ ହଉନ୍‌ସାର୍ ବିରୋଧୀ ସଦସ୍ୟମାନେ ହୋହଲ୍ଲା କରିଥିଲେ । ଇତାର୍ ଭିତ୍‌ରେ ଭିଲ୍ ପ୍ରଶ୍ନକାଳ ଚାଲିଥିଲା । ହୋହଲ୍ଲା ବେଶୀ ହେବାର୍‌ନୁ ବାଚସ୍ପତି ୧୨ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ୧୨ ବଜେ ଗୃହ କାର୍ଯ୍ୟ ମୁଲ୍ ହେଲା ଉତ୍‌ରୁ ଅର୍ଥମନ୍ତ୍ରୀ ନିମଳା ସୀତାରମଣ୍ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଶୋଧନ୍ ବିଧେୟକ ଆଗତ କରିଥିଲେ ।

ରାଜ୍ୟସଭା ନ ଭିଲ୍ ଭିନ୍ ଭିନ୍ ବିଷେ ନେଇକରି ଆଏଜ୍ ବିରୋଧୀ ସଦସ୍ୟମାନେ ହୋହଲ୍ଲା କରିଥିଲେ । ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଏଜ୍ ରାଜ୍ୟସଭା ନ ଅଧ୍ୟକ୍ଷ ଦାୟିତ୍ୱ ନେବାର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର୍ ମାର୍ଗଦର୍ଶନ୍ ଦେଶର୍ ପ୍ରଗତି ଦିଗେ ସହାୟକ୍ ହେବା ବଲି କହିଛନ୍ ।

ବିଧାନ୍‌ସଭା ଶୀତ୍ ଅଧିବେଶନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ଶୀତ୍ ଅଧିବେଶନ୍‌ର ୪ ନମ୍ବର୍ ଦିନେ ଆଏଜ୍ ଗୃହ କାର୍ଯ୍ୟ ସ୍ୱାଭାବିକ୍ ରହିଥିଲା । ସଖାଲ୍‌ବେଲା ପ୍ରଶ୍ନକାଳ ସମିଆଥି ଭିନ୍ ଭିନ୍ ବିଭାଗ୍‌ର ଖର୍ଚ୍ଚା ବାବ୍‌ଦେ ପ୍ରଶ୍ନ ଉତର୍ ହେଇଥିଲା । ଇତାର୍‌ସହେତେ ସ୍ୱାସ୍ଥ୍ୟ ବିଭାଗ୍‌ର୍ ଭିନ୍ ଭିନ୍ ବିଷେ ସଙ୍ଗେ ଫଟିକ୍ ନିଯୁକ୍ତି ପ୍ରକ୍ରିୟା, ବାଂଲାଦେଶୀ ଅନୁପ୍ରବେଶ୍‌କାରୀ ସମସ୍ୟା ବାଗିର୍ ବହୁତ୍‌ଟେ ବିଷେଥି ଆଲୋଚନା ହେଇଛେ ।

ବିଧାନ୍‌ସଭା- ବାଂଲାଦେଶୀ ଅନୁପ୍ରବେଶ୍‌କାରୀ

ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ବେଆଇନ୍ ଭାବେ ରହୁଥିବା ୪୯ ଝନ୍ ବାଂଲାଦେଶୀଙ୍କୁ ତାକର୍ ଦେଶ୍‌କେ ପଠାଯାଇଥିବାର୍ ବେଲେ ୫୧ ଝନ୍‌କୁ ଚିହ୍ନଟ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଇ ବାବଦ୍ ପ୍ରଶ୍ନର୍ ଲିଖିତ୍ ଉତର୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ବାଂଲାଦେଶୀ ଅନୁପ୍ରବେଶ୍‌କାରୀଙ୍କର୍ ଚିହ୍ନଟ୍ ଲାଗି

ସର୍କାର୍ଙ୍କର୍ ତର୍ଫୁ ଗୁଟେ ସ୍ୱତନ୍ତ୍ର କାର୍ଯ୍ୟବାହିନୀ କମିଟି ଗଠନ୍ କରାଯାଇଛେ । ଇଥିର୍ଲାଗି ଆରକ୍ଷୀ ଅଧିକ୍ଷକ୍ମାନ୍କୁ କଡ଼ା ଆଦେଶ୍ ଦିଆଯାଇଛେ । ୧୮ ଟା ଜିଲ୍ଲା ନ ଅଟକ୍ କେନ୍ଦ୍ର ଆଉ ୨ ଟା ରାଜ୍ୟସ୍ତରୀୟ ଅଟକ୍ କେନ୍ଦ୍ର ଖୁଲାଯାଇଛେ । ଇତାର୍ ଜରିଏ ୧ ହଜାର୍ ୭ ଶହ ୬୮ ଝନ୍ ସନ୍ଦିଗ୍ଧଙ୍କୁ ଯାଂଚ୍ କରାଯାଇକରି ୫୧ ଝନ୍କୁ ଅବୈଧ ଘୋଷ୍ନା କରାଯାଇଛେ । ଇହାଦେ ସେମାନ୍କର୍ ପରିଚୟ ପତ୍ରର୍ ଯାଂଚ୍ ଚାଲିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଗୁଇନ୍ଦା ବିଭାଗ୍ର ଅଧିକାରୀମାନେ ଭିଲ୍ ଇ ଦିଗେ କାମ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବିଧାନ୍ସଭା-ରାଜ୍ୟ ବଜେଟ ଖର୍ଚ୍ଚା  ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ଗଲା ଅକ୍ଟୋବର୍ ମାସ୍ ଶେଷ୍ତକ୍ ରାଜ୍ୟ ବଜେଟ୍ର ୧ ଲାଖ୍ ୧୪ ହଜାର୍ ୫ ଶହ ୧୮ କୋଟି ଟଙ୍କା ଖର୍ଚ୍ଚା ହେଇଛେ । ଯେନ୍ଟାକି ମୋଟ୍ ବଜେଟ୍ର ୩୯ ପ୍ରତିଶତ୍ ବଲି ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ବିଧାନ୍ସଭା ନ ଆଏଜ୍ ଗୁଟେ ପ୍ରଶ୍ନର୍ ଉତରଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଗଲା ବଛର୍ ଅକ୍ଟୋବର୍ ମାସ୍ତକ୍ ବଜେଟ୍ର ୩୬ ପ୍ରତିଶତ୍ ଟଙ୍କା ଖର୍ଚ୍ଚା ହେଇଥିଲା । ଆଏବା

ମାର୍ଚ୍ଚ ମାସ୍‌ତକ୍ ଶହେ ପ୍ରତିଶତ୍ ବଜେଟ୍ ଖର୍ଚ୍ଚା କରାଯିବା ବଲି ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ - କୋଣାର୍କ ଉତ୍ସବ       ପୁରୀ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କୋଣାର୍କ ମୁକ୍ତାକାଶ ରଙ୍ଗମଂଚ ନ କୋଣାର୍କ ଉତ୍ସବ୍ ସହେତେ ଚନ୍ଦ୍ରଭାଗା ପାଖେ ଅନ୍ତର୍ଜାତୀୟ ବାଲୁକା କଲା ଉତ୍ସବ୍ ଆଉ ସୁଭଦ୍ରା ଶକ୍ତି ମେଳାକେ ଉଦ୍‌ଘାଟନ୍ କରିଛନ୍ । ଇ ବଛର୍ ବାଲୁକା କଲା ଉତ୍ସବ୍‌ଥି ଜାପାନ୍, ଋଷିଆ, ସ୍ପେନ୍, ପର୍ତ୍ତୁଗାଲ୍ ଶ୍ରୀଲଙ୍କା ସହେତେ ଭାରତ୍‌ର ଭିନ୍ ଭିନ୍ ରାଜ୍ୟନୁ ଶତାଧିକ୍ ବାଲୁକା ଶିଳ୍ପୀ ଭାଗ୍ ନେଇଛନ୍ । କୋଣାର୍କ ଉତ୍ସବ୍‌ଥି ଦେଶ୍ ବିଦେଶ୍‌ର କଲାକାର୍‌ମାନେ ନାଚ୍ ଗୀତ୍ ପ୍ରଦର୍ଶନ୍ କର୍‌ବେ । ଆଝିରର୍ ଉଦ୍‌ଘାଟନୀ ସମାରୋହଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ପୁରୀ ଜିଲ୍ଲାର୍ ବିଧାୟକ୍‌ମାନେ ଉପସ୍ଥିତ୍ ଥିଲେ ।

ବିଶ୍ୱ ଏଡ଼୍‌ସ୍ ଦିବସ୍       ଆର୍‌ଏନ୍‌ୟୁ/ ସମ୍ବଲପୁର/ ଏନ୍‌ଏସ୍‌ଡି

ବିଭ୍ରାଟ୍‌କେ ଦୂର୍ କର୍‌ମା : ଏଡ୍‌ସର ପ୍ରତିକ୍ରିୟାକେ ବଦ୍‌ଲାମା' ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ଏଡ୍‌ସ୍ ଦିବସ୍ । ଏଚ୍‌ଆଇଭିର ପ୍ରଭାବ୍ ବାବ୍‌ଦେ ସଚେତନତା, ଏଡ୍‌ସ ରୋଗୀମାନ୍‌କର ଲାଗି ରହିଥିବା ଘୃଣା ଆଉ ଭେଦଭାବ୍‌କେ ଦୂର୍ କର୍‌ବାର ଆଉ ସଂକ୍ରମିତ ରୋଗୀଙ୍କର୍ ଜୀବନ୍‌ଶୈଳିଥି ଉନ୍ନତି ଆନ୍‌ବାର୍ ଇ ଦିବସ୍‌ର ଲକ୍ଷ୍ୟ ଆଏ । ମିଲିତ୍ ଜାତିସଂଘର ଡାକ୍‌ରାଥି ୧୯୮୮ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ଏଡ୍‌ସ୍ ଦିବସ୍ ଭାବେ ପାଲନ୍ କରାଯାଇଆସୁଛେ ।

କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଆଏଜ୍ ନୂଆଦିଲ୍ଲୀ ନ ହେଇଥିବା ଥିବା ବିଶ୍ୱ ଏଡ୍‌ସ ଦିବସ-୨୦୨୫ର ଜାତୀୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ରାଏଜେ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । ଭୁବ୍‌ନେଶ୍ୱର୍ କେପିଟାଲ୍ ହସ୍ପିଟାଲ୍ ପରିସର୍ ନ ହେଇଥିବା ସଚେତନତା ଶୋଭାଯାତ୍ରାକେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଶୁଭାରମ୍ଭ କରିଥିଲେ । ରାଏଜେ ଇ ବଛର୍ ଅକ୍ଟୋବର୍ ମାସ୍‌ତକ୍ ୨ ହଜାର୍ ୪ ଶହ ୬୨ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ୍ ହେଇଛନ୍ ବଲି ଇ ଅବ୍‌ସରେ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ବିଶ୍ୱ ଏଡ୍‌ସ୍ ଦିବସ-ଜିଲ୍ଲା/ ସୁବର୍ଣ୍ଣପୁର/ ସମ୍ବଲପୁର/ ବଲାଙ୍ଗିର୍/ ବୌଦ୍ଧ

ସୁବର୍ଣ୍ଣପୁର୍ ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନା ନ ଜିଲ୍ଲାସ୍ତରୀୟ ବିଶ୍ୱ ଏଡ୍‌ସ୍ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ଗୁଟେ ସଚେତନତା ଶୋଭାଯାତ୍ରାକେ ଜିଲ୍ଲାପାଲ୍ ନୃପରାଜ୍ ସାହୁ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାଥି ଛାତ୍ରଛାତ୍ରୀମାନେ ସାମିଲ୍ ହେଇଥିଲେ । ଇ ଅବ୍‌ସରେ ଏଚ୍‌ଆଇଭି ଏଡ୍‌ସ୍‌କେ ନେଇକରି ବିଶେଷଜ୍ଞମାନେ ସଚେତନ୍ କରିଥିଲେ ।

ସମ୍ବଲ୍‌ପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଅନୁଷ୍ଠାନ୍ ତର୍‌ଫୁ ବିଶ୍ୱ ଏଡ୍‌ସ୍ ଦିବସ୍ ପାଲିତ୍ ହେଇଯାଇଛେ । ଏଡ୍‌ସ୍ ରୋଗ୍‌କେ ନାଇଁ ଡରିକରି ସଚେତନ୍ ରହେଲେ ଇତାର୍‌ନୁ ସୁରକ୍ଷିତ୍ ରହିପାର୍‌ମା ବଲି ବୁର୍ଲା ଭିମ୍‌ସାର୍‌ର ମେଡ଼ିସିନ୍ ବିଭାଗ୍‌ର ସହକାରୀ ଅଧ୍ୟାପକ ଡାକ୍ତର୍ ଶଙ୍କର୍ ରାମ୍‌ଚନ୍ଦାନୀ କହିଛନ୍...

(ଭଏସ୍ ଓଭର୍- ଶଙ୍କର୍ ରାମ୍‌ଚନ୍ଦାନୀ)

ବଲାଙ୍ଗିର୍ ସର୍‌କାରୀ ମହିଳା ମହାବିଦ୍ୟାଳୟ ନ ହେଇଥିବା ବିଶ୍ୱ ଏଡ୍‌ସ୍ ଦିବସ୍ କାର୍ଯ୍ୟକ୍ରମ୍‌ଥି ମହାବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ଓଝା ଆଉ ସ୍ୱାସ୍ଥ୍ୟ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇକରି ଏଡ୍‌ସ୍ ରୋଗର୍ ଭୟାବହତା ବାବ୍‌ଦେ ବୁଝେଇଥିଲେ । ଇ ଅବ୍‌ସରେ ଗୁଟେ ସଚେତନତା ଶୋଭାଯାତ୍ରା ସହର୍ ବୁଲିଥିଲା ।

ସେନ୍ତା ବୌଦ୍ଧ ଏଏନ୍‌ଏମ୍ ତାଲିମ୍ କେନ୍ଦ୍ର ନ ଜିଲ୍ଲା ମୁଖ୍ୟ ଚିକିତ୍ସା

ଅଧିକାରୀ ଡାକ୍ତର୍ ସଂଘମିତ୍ରା ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି

ହେଇଥିବା ବିଶ୍ୱ ଏଡ଼୍‌ସ୍ ଦିବସ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଯୋଗ୍ ଦେଇଥିଲେ ।

ସଖୀ ନିବାସ          ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ସହର୍ ନ ଆଏଜ୍ ଗୁଟେ କର୍ମଜୀବୀ ମହିଳା ହଷ୍ଟେଲ୍- "ସଖୀ ନିବାସ" ଉଦ୍‌ଘାଟିତ୍ ହେଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ପରିଷଦ୍ ଅଧ୍ୟକ୍ଷ କୌଶିକ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସଖୀ ନିବାସ୍‌କେ ଉଦ୍‌ଘାଟନ୍ କରିଛନ୍ । ଇ ହଷ୍ଟେଲ୍ ନ ସର୍‌କାରୀ ଆଉ ବେସର୍‌କାରୀ କାର୍ଯ୍ୟାଳୟ ମାନ୍‌କେ କାମ୍ କରୁଥିବା କି ପାଠ୍ ପଢୁଥିବା ମହିଳାମାନେ ରହିପାର୍‌ବେ ।

ଗୀତା ଜୟନ୍ତୀ          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏଜ୍ ଗୀତା ଜୟନ୍ତୀ ପାଳିତ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାର୍ ବିଶିଷ୍ଟ ବାନ୍ଧଶିଳ୍ପୀ ପ୍ରଫୁଲ୍ଲ ମେହେର୍‌ଙ୍କର୍ ତର୍‌ଫୁ ଗୀତାର୍ ୧୮ ଅଧ୍ୟାୟ ବୁନା ଥିବା ଶାଢ଼ୀକେ ଜିଲ୍ଲାପାଲ୍ ନୃପରାଜ୍ ସାହୁ ଉନ୍ମୋଚନ୍

କରିଛନ୍ । ୧୪ ମିଟର୍ ଲମ୍ବା ଆଉ ୩୦ ଇଂଚ୍ ଉସାର୍ ପାଟ ଶାଢ଼ୀଥି ଭଗ୍‌ବତ୍ ଗୀତାର୍ ୭ ଶହ ଶ୍ଲୋକକେ ଓଡ଼ିଆ ଲିପିଥି ଶ୍ରୀ ମେହେର୍ ବୁନିକରି ବୟନ କଳାର୍ ଗୁଟେ ଭିନେ ଉଦାହରଣ୍ ସୃଷ୍ଟି କରିଛନ୍ ।

## ଦୃଷ୍ଟିହୀନ୍ ମହିଳା ଟି-ଟ୍ୱେଂଟି ବିଶ୍ୱକପ୍ I&PR

ଦୃଷ୍ଟିବାଧିତ ମହିଳା ଟି-ଟ୍ୱେଂଟି ବିଶ୍ୱକପ୍ ବିଜେତା ମହିଳା ଦଲ୍‌ଥି ସାମିଲ୍ ଥିବା ୪ ଝନ୍ ଓଡ଼ିଆ ଖେଳାଲିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସମ୍ବର୍ଦ୍ଧିତ୍ କରିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଫି’ ଖେଳାଲିଙ୍କୁ ୧୧ ଲାଖ୍ ଟଙ୍କା ଲେଖା ଆର୍ଥିକ୍ ସହାୟତା ଦେବାର୍ ସହେତେ ଆତ୍ମବିଶ୍ୱାସ୍ ସାଙ୍ଗେ ଆଗ୍‌କେ ବିଜୟ ଯାତ୍ରା ଜାରି ରଖିବାର୍‌କେ କହିଛନ୍ । ସୂଚ୍‌ନା ଅନ୍‌ସାରେ ଶ୍ରୀଲଙ୍କାର କଲମ୍ବୋ ନ ହେଇଥିବା ପହେଲା ଦୃଷ୍ଟିବାଧିତ ମହିଳା ଟି-ଟ୍ୱେଂଟି ବିଶ୍ୱକପ୍‌ଥି ଭାରତୀୟ ଦଲ୍ ବିଶ୍ୱବିଜୟୀ ହେଇକରି ଇତିହାସ୍ ରଚିଛେ ।

## ଜିଲ୍ଲାସ୍ତରୀୟ ଖେଲ୍‌କୁଦ୍ ପ୍ରତିଯୋଗିତା ସମ୍ବଲପୁର

ସମ୍ବାଦଦାତା

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ନ ୩୧ ନମ୍ବର୍ ଜିଲ୍ଲାସ୍ତରୀୟ ଖେଲ୍‌କୁଦ୍ ପ୍ରତିଯୋଗିତା ମୁଲ୍ ହେଇଛେ । ପ୍ରତିଯୋଗିତାକେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଉଦ୍‌ଘାଟନ୍ କରିଛନ୍ । ୨ ଦିନ୍‌ତକ୍ ହେବାର୍‌କେ ଥିବା ପ୍ରତିଯୋଗିତାଥି ଭିନ୍ ଭିନ୍ ଖେଲ୍ ହେବା । ଇଥି ଜିଲ୍ଲାର୍ ଭିନ୍ ଭିନ୍ ବିଦ୍ୟାଳୟର୍ ୯ ଶହ ୫୬ ଝନ୍ ଛାତ୍ରଛାତ୍ରୀ ଭାଗ୍ ନେଇଛନ୍ । ଇନ ବଛା ହେଇଥିଲା ଖେଲାଳିମାନେ ରାଜ୍ୟସ୍ତର୍‌କେ ଖେଲିଯିବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗଲାକାଏଲ୍‌ଠାନୁ ଶୀତ୍ ସାମାଏନ୍ କମିଛେ । ଆଏବା ୪ ଦିନ୍‌ତକ୍ ଶୀତ୍ ଆହୁରି କମ୍‌ବା । ମଙ୍ଗଲ୍‌ବାର୍ ଆଉ ବୁଧବାର୍ ବଡ଼ଭାଗୀ ଜାଗା ନ ରାତିର୍ ତାପମାତ୍ରା ୧୨ ନୁ ୧୫ ଡିଗ୍ରୀ ଉପ୍‌ରେ ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ବାତ୍ୟା ଦିତ୍‌ୱାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍, ବୌଦ୍ଧ, ବଲାଙ୍ଗିର୍, ସୁନ୍ଦର୍‌ଗଡ଼୍ ସହେତେ ୧୨ ଟା ଜିଲ୍ଲା ନ ହାଲ୍‌କା

ବର୍ଷା ହେବାର୍ ସମ୍ଭାବନା ରହିଛେ । ବାକି ସବୁ ଜାଗା ମାନ୍‌କେ ପାଗ୍ ଶୁଖା ରହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।